SAMBAD ସମ୍ବାଦ odia daily




Home | Contact us

କେନ୍ଦ୍ରକୁ ହାଇକୋର୍ଟ ନିର୍ଦ୍ଦେଶ: ଭୁବନେଶ୍ୱରରେ ଏନ୍‌ଆଇଏସ୍‌ଇଆର୍ ଖୋଲ, ଅଗଷ୍ଟରୁ ପାଠ ପଢ଼ାଅ; ଫରେଷ୍ଟରଙ୍କୁ ଗୁଳିକରି ହତ୍ୟା; ମଦୁରାଇ, ଦିନାକରଣ ଅଫିସ୍‌ରେ ଆକ୍ରମଣ, ୩ ମୃତ; ସପ୍ତମ ଶ୍ରେଣୀ ପରୀକ୍ଷା, ଆନ୍ଧ୍ରରେ ସବୁ (

ତାରିଖ : ୯/୫/୨୦୦୭

| Su | Mo | Tu | We | Th | Fr | Sa |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | ୨୯ | ୩୦ | ୩୧ | | |

Bhubaneswar Balasore Katak Brahmapur Jeypore Sambalpur Anugul Rourkela

Yellow pages | Orissa info | Ayurveda | Glamour Orissa | Public news reporting
Real-estate | Bidese odia | Vastu & Horoscope | Matrimonials | Calendar
Exam result | Art & craft | Eminent Personality | Jobs | News Archive

ମୂଖ୍ୟ ପୃଷ୍ଠା
ମୁଖ୍ୟ ଖବର
ଅନ୍ୟାନ୍ୟ ଖବର
କ୍ରୀଡ଼ା ଖବର
ଜାତୀୟ ଖବର
ଅନ୍ତର୍ଜାତୀୟ ଖବର
ମହାନଗର ଖବର
ରବିବାର ସମ୍ବାଦ
ବିଜ୍ଞାପନ
ସଂପାଦକୀୟ
ସାକ୍ଷାତକାର
ଆମ ସଂପର୍କରେ
କଟାକ୍ଷ
ସଂସ୍କରଣ ଅଭିଲେଖ

ଚନ୍ଦ୍ରଭାଗା







କେନ୍ଦ୍ରକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ; ଭୁବନେଶ୍ୱରରେ ଏନ୍‌ଆଇଏସ୍ ଇ ଆର୍ ଖୋଲ, ଅଗଷ୍ଟରୁ---

## କେନ୍ଦ୍ରକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ; ଭୁବନେଶ୍ୱରରେ ଏନ୍‌ଆଇଏସ୍ ଇ ଆର୍ ଖୋଲ, ଅଗଷ୍ଟରୁ ପାଠ ପଢ଼ାଅ

କଟକ (ଇମିସ): ପ୍ରସ୍ତାବିତ ଜାତୀୟ ବିଜ୍ଞାନ ଶିକ୍ଷା ଗବେଷଣା ପ୍ରତିଷ୍ଠାନ 'ନାସ୍‌ନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ସାଇନ୍‌ସ ଏଡୁକେସନ୍ ଆଣ୍ଡ ରିସର୍ଚ୍ଚ' (ଏନ୍‌ଆଇଏସ୍‌ଇଆର୍) କେମିତି ଆସନ୍ତା ଶିକ୍ଷାବର୍ଷରୁ ଭୁବନେଶ୍ୱରଠାରେ ଖୋଲିବ ସେ ଦିଗରେ ପଦକ୍ଷେପ ନେବାକୁ ଓଡ଼ିଶା ହାଇକୋର୍ଟ, କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଜାରି କରିଛନ୍ତି ।

ଓଡ଼ିଶା ପାଇଁ ପ୍ରସ୍ତାବିତ ପ୍ରତିଷ୍ଠାନଟି (ଏନ୍‌ଆଇଏସ୍) ଅଚାନକ ଓଡ଼ିଶାରୁ କୋଲକାତାକୁ ସ୍ଥାନାନ୍ତର ହୋଇଯିବା ପ୍ରତିବାଦରେ ଓଡ଼ିଶା ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା । ୨୦୦୨ ମସିହାରେ ବିଶ୍ୱବିଦ୍ୟାଳୟ ମଂଜୁରୀ ଆୟୋଗ (ୟୁଜିସି)ର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଅବସରରେ ଦେଶର ଚାରିଟି ସ୍ଥାନ-ଚେନ୍ନାଇ, ପୁନେ, ଭୁବନେଶ୍ୱର ଓ ଆହ୍ଲାବାଦଠାରେ ଚାରିଟି ନାସନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ସାଇନ୍‌ସ ବା ଏନ୍‌ଆଇଏସ୍ ପ୍ରତିଷ୍ଠା କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା । ପରେ ଭୁବନେଶ୍ୱରଠାରେ ହେବାକୁଥିବା ପ୍ରତିଷ୍ଠାନକୁ କୋଲକାତାକୁ ସ୍ଥାନାନ୍ତର କରାଯାଉଥିବା କଥା ଜଣାପଡ଼ିଲା । କେନ୍ଦ୍ରର ନିଷ୍ପତ୍ତିକୁ ମନମୁଖି, ବେଆଇନ୍ ତଥା ରାଜନୈତିକ ଉଦ୍ଦେଶ୍ୟପ୍ରଣୋଦିତ ଦର୍ଶାଇ ଏହାକୁ ଚାଲେଞ୍ଜ କରି ରାଜ୍ୟ ଜନସ୍ୱାର୍ଥ ସୁରକ୍ଷା ପରିଷଦର ସଭାପତି ପ୍ରଶାନ୍ତ କୁମାର ଦାସ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାଏର କରିଥିଲେ । ମାନ୍ୟବର ହାଇକୋର୍ଟ ମାମଲାର ଶୁଣାଣି କରି 'ପ୍ରସ୍ତାବିତ ପ୍ରକଳ୍ପଟି ଓଡ଼ିଶାରୁ ସ୍ଥାନାନ୍ତର କରାଯାଇ ପାରିବ ନାହିଁ' ବୋଲି ଅନ୍ତରୀଣ ରହିତାଦେଶ ଜାରି କରିଥିଲେ । ତେବେ କେନ୍ଦ୍ର ସରକାରଙ୍କ ପକ୍ଷରୁ ହାଇକୋର୍ଟଙ୍କ ରାୟକୁ ଚାଲେଞ୍ଜ କରାଯାଇ ସୁପ୍ରିମ କୋର୍ଟରେ ଏକ ସ୍ପେସାଲ୍ ଲିଭ୍ ପିଟିସନ୍ ଦାଏର କରାଯାଇଥିଲା ଏବଂ ରହିତାଦେଶ ପ୍ରତ୍ୟାହୃତ ହୋଇଯାଇଥିଲା । ମାମଲାଟି ଥରେ ସୁପ୍ରିମ କୋର୍ଟକୁ ଯିବା ପରେ, ହାଇକୋର୍ଟରେ ସ୍ଥାଣୁ ପାଲଟି ଯାଇଥିଲା । ପରବର୍ତ୍ତୀ କାଳରେ ମାନ୍ୟବର ସୁପ୍ରିମ କୋର୍ଟ, ତିନି ମାସର ସମୟସୀମା ଭିତରେ ହାଇକୋର୍ଟରେ ବିଚାରାଧୀନ ଥିବା ପିଟିସନ୍‌ର ଫଏସଲା କରିବାକୁ ନିର୍ଦ୍ଦେଶ ଜାରି କରିଥିଲେ । ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ହାଇକୋର୍ଟରେ ମାମଲାଟିର ଶୁଣାଣି ପୁଣିଥରେ ଆରମ୍ଭ ହୋଇ ଗତ ମାର୍ଚ୍ଚ ୭ ତାରିଖରେ ପୂର୍ଣ୍ଣଚ୍ଛେଦ ପଡ଼ିଥିଲା । ସେଦିନ ରାୟ ସଂରକ୍ଷିତ ରହିଥିଲା । ମାମଲାର ରାୟ ଘୋଷଣା କରି ହାଇକୋର୍ଟର ମାନ୍ୟବର ବିଚାରପତି ଆଇ.ଏମ୍. କୁଦ୍ଦୁସି ଓ ଏ.କେ. ସାମନ୍ତରାୟଙ୍କୁ ନେଇ ଗଠିତ ଖଣ୍ଡପୀଠ, କେନ୍ଦ୍ର ପରମାଣୁ ଶକ୍ତି ବିଭାଗର ନିଷ୍ପତ୍ତି ମୁତାବକ ଆସନ୍ତା ଅଗଷ୍ଟ ମାସରେ ପ୍ରତିଷ୍ଠାନର ପ୍ରଥମ ବ୍ୟାଚ୍ ଯେମିତି ଆରମ୍ଭ ହୁଏ ସେ ଦିଗରେ ପଦକ୍ଷେପ ନେବାକୁ କେନ୍ଦ୍ରକୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି । **ଏନ୍‌ଆଇଏସ୍ ନୁହେଁ; ଏନ୍‌ଆଇଏସ୍‌ଇଆର୍** ପ୍ରତିଷ୍ଠାନ ସ୍ଥାନାନ୍ତର ପ୍ରସଙ୍ଗକୁ ନେଇ କେନ୍ଦ୍ର ସରକାର ହାଇକୋର୍ଟରେ ଆଗରୁ ଯେଉଁ ସତ୍ୟପାଠ ଦାଖଲ କରିଥିଲେ ସେଥିରେ ଦର୍ଶାଇଥିଲେ କି' ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ପରି କୌଣସି ସଂସ୍ଥା ଭୁବନେଶ୍ୱରରେ କେବେ ଖୋଲାଯିବାର ପ୍ରସ୍ତାବ ହିଁ ନ ଥିଲା । ମୂଳରୁ ନିଷ୍ପତ୍ତି ହୋଇ ନ ଥିବାବେଳେ ସ୍ଥାନାନ୍ତରର ପ୍ରଶ୍ନ ପୁଣି ଉଠୁଛି କେଉଁଠୁ? ୨୦୦୨ରେ ବିଶ୍ୱବିଦ୍ୟାଳୟ ମଂଜୁରୀ ଆୟୋଗ (ୟୁଜିସି) ବିଜ୍ଞାନ ଶିକ୍ଷା ପାଇଁ ଚାରିଟି ସ୍ୱୟଂଶାସିତ ପ୍ରତିଷ୍ଠାନ ପ୍ରତିଷ୍ଠାର ପ୍ରସ୍ତାବ ଅବଶ୍ୟ ଦେଇଥିଲେ । ତେବେ ଆଇନ୍ ମନ୍ତ୍ରଣାଳୟ ଏ ପ୍ରସ୍ତାବକୁ ପରୀକ୍ଷା କରି 'ୟୁଜିସିର ଏ ପ୍ରକାର କ୍ଷମତା ନାହିଁ' ବୋଲି ମନ୍ତବ୍ୟ ଦେଇଥିଲେ । ପ୍ରକୃତପକ୍ଷେ ଅନ୍ୟ ଏଜେନ୍‌ସି ସହିତ ମିଶି ଏ ଚାରିଟି ପ୍ରତିଷ୍ଠାନ ପ୍ରତିଷ୍ଠା କରିବା ୟୁଜିସିର ଉଦ୍ଦେଶ୍ୟ ଥିଲା । କେନ୍ଦ୍ର ସରକାର କିନ୍ତୁ ଏ ପ୍ରସ୍ତାବକୁ ବିଲ୍‌କୁଲ୍ ଅନୁମୋଦନ ହିଁ ଦେଇ ନ ଥିଲେ । ଏପରିସ୍ଥଳେ ଭୁବନେଶ୍ୱର ପରି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ପ୍ରତିଷ୍ଠାନ ସ୍ଥାପନା ପାଇଁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇ ପାରିବ ନାହିଁ ବୋଲି ମାନ୍ୟବର ଖଣ୍ଡପୀଠ ସ୍ପଷ୍ଟ କରିଦେଇଛନ୍ତି । ତେବେ ଗତବର୍ଷ ଅଗଷ୍ଟ ୨୮ରେ ପ୍ରଧାନମନ୍ତ୍ରୀ ଓଡ଼ିଶା ଆସିଥିବାବେଳେ ଭୁବନେଶ୍ୱରଠାରେ ଏନ୍‌ଆଇଏସ୍‌ଇଆର୍ ପ୍ରତିଷ୍ଠା କରାଯିବ ବୋଲି ଘୋଷଣା କରିଥିଲେ । କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟର ବୈଷୟିକ ନିର୍ଦ୍ଦେଶକ ସୀମା ରାଜ୍ ଏ କଥା ହାଇକୋର୍ଟରେ ସତ୍ୟପାଠ ଜରିଆରେ ଦର୍ଶାଇଥିଲେ । ପ୍ରସ୍ତାବିତ ଏନ୍‌ଆଇଏସ୍‌ଇଆର୍ ପୂର୍ବୋକ୍ତ ବିଜ୍ଞାନ ପ୍ରତିଷ୍ଠାନର ଅନୁପୂରକ ଭାବେ କାମ କରିବ, କେନ୍ଦ୍ର ପରମାଣୁ ଶକ୍ତି ବିଭାଗ ଅଧୀନରେ ପରିଚାଳିତ ଏହି ପ୍ରତିଷ୍ଠାନରେ ପାଞ୍ଚ ବର୍ଷିଆ ସମନ୍ୱିତ ସ୍ନାତକୋତ୍ତର ବିଜ୍ଞାନ ଶିକ୍ଷା ଦିଆଯିବ; ଏବଂ ହୋମି ଭାବା ଜାତୀୟ ପ୍ରତିଷ୍ଠାନ ଡିମ୍‌ଡ ବିଶ୍ୱବିଦ୍ୟାଳୟ ପକ୍ଷରୁ ପାଠ୍ୟକ୍ରମର ଡିଗ୍ରି ପ୍ରଦାନ କରାଯିବ ବୋଲି ସତ୍ୟପାଠରେ ଦର୍ଶାଯାଇଥିଲା । 'ଆରମ୍ଭରେ ଭୁବନେଶ୍ୱରସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫିଜିକ୍ସ୍ ପରିସରରେ ଏହି ପ୍ରତିଷ୍ଠାନ କାମ କରିବ; ପରେ ଏହାକୁ ଅନ୍ୟତ୍ର ସ୍ଥାନାନ୍ତର କରାଯିବ; ଅଗଷ୍ଟ-୨୦୦୭ରୁ ପ୍ରତିଷ୍ଠାନର ପ୍ରଥମ ବ୍ୟାଚ୍ ଆରମ୍ଭ ହେବ; ପ୍ରତିଷ୍ଠାନ ପାଇଁ ଅନୁମୋଦନ ହାସଲ ପ୍ରକ୍ରିୟା ଏବେ ଜାରି ରହିଛି' ବୋଲି ମଧ୍ୟ ସତ୍ୟପାଠରେ କୁହାଯାଇଥିଲା । କେନ୍ଦ୍ର ସରକାରଙ୍କ ସତ୍ୟପାଠକୁ ଦୃଷ୍ଟିରେ ରଖି ଆସନ୍ତା ଅଗଷ୍ଟ ମାସରୁ ଏନ୍‌ଆଇଏସ୍‌ଇଆର୍ ଆରମ୍ଭ କରିବାକୁ ମାନ୍ୟବର ଖଣ୍ଡପୀଠ କେନ୍ଦ୍ରକୁ ନିର୍ଦ୍ଦେଶ ଦେଇଛନ୍ତି । ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ମଧୁସୂଦନ ପଣ୍ଡା ଏହି ମକଦ୍ଦମା ପରିଚାଳନା କରୁଥିଲେ ।

ମୂଖ୍ୟଖବର

- ମାଓବାଦୀ ହିଂସା, ଫରେଷ୍ଟରଙ୍କୁ ଗୁଳିକରି ହତ୍ୟା
- କେନ୍ଦ୍ରକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ; ଭୁବନେଶ୍ୱରରେ ଏନ୍‌ଆଇଏସ୍ ଇ ଆର୍ ଖୋଲ, ଅଗଷ୍ଟରୁ ପାଠ ପଢ଼ାଅ
- ଆନ୍ଧ୍ରରେ ସବୁ ଓଡିଆ ଛାତ୍ରଛାତ୍ରୀ ଫେଲ୍
- ମଦୁରାଇ: 'ଦିନାକରଣ' ଅଫିସ୍‌ରେ ଆକ୍ରମଣ, ୩ ମୃତ
- ଓଡ଼ିଶା ପୁଲିସ୍-ବିହାରୀ ଅପରାଧୀ ସଂପର୍କ ଭିଡିଓ ଟେପ୍‌ରେ
- ଆଇଆଇଟି ଦାବିରେ ଓଡ଼ିଶା ସାଂସଦଙ୍କ ଧାରଣା
- ୨୦୧୦ ସୁଦ୍ଧା ରାଜ୍ୟର ଶକ୍ତି ଚାହିଦା ୩୬୩୩ ମେଗାୱାଟ୍
- 'ପୃଥ୍ୱୀ ' ର ସଫଳ ପରୀକ୍ଷଣ
- କେନ୍ଦ୍ରର ନିଷ୍ପତ୍ତି ଆଶ୍ଚର୍ଯ୍ୟଜନକ: ମୁଖ୍ୟମନ୍ତ୍ରୀ
- କେନ୍ଦ୍ରର ନିଷ୍ପତ୍ତି ଆଶ୍ଚର୍ଯ୍ୟଜନକ: ମୁଖ୍ୟମନ୍ତ୍ରୀ


















କଟାକ୍ଷ




ବିତର୍କ/ମତାମତ ସଂଗ୍ରହ

**Poll ID 0 does not exist.**

News letter

**Newsletter Signup**

Name*

Email*

Subscribe

Unsubscribe

Make your attractive website with domain name booking and web space only @ **INR 2999**/- * for further information contact info@modulesoft.com or call us at +91-674-3292837 **

*Powered by* EML in Association with Modulesoft
Copyright © 2006 orissasambad.com. This Site is Best Viewed by : Internet Explorer in 1024 * 768